କଳିଙ୍ଗ ସେନା ଦ୍ୱାରା ସାମ୍ବାଦିକ ଜ୍ଞାନ ପାଣୀ ସମ୍ବର୍ଦ୍ଧିତ

ଭଦ୍ରକ, (ପିଏନ୍)- ଆଞ୍ଚଳିକ ଦଳ କଳିଙ୍ଗ ସେନାର ସପ୍ତଦଶ ପ୍ରତିଷ୍ଠା ଦିବସ ସମାରୋହ ଭୁବନେଶ୍ୱର ପିଏମଜି ସ୍କୋୟାର ଠାରେ ଦଳର ସଭାପତି ହେମନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୨ଟି ଜିଲ୍ଲାରୁ କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇଥିଲେ। ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ପୂର୍ବତନ ଡ଼ିଜି ଅଫ ପୁଲିସ ଅରୁଣ ପଟ୍ଟନାୟକ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଦେବଗଡ଼ର କଂସ ମହାରାଜ ଭୂମିକା ନିଭାଉଥିବା ସୁଶିଲ ମେହେର, ସମୃଦ୍ଧ ଓଡ଼ିଶାର ସଭାପତି ଯତିଶ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଖୋରଧା ଓ.ଜେ.ଏ ସଂଘସରକାରୀ କାର୍ଯ୍ୟରେ ଅସଯୋଗ

ଖୋରଧା,(ପିଏନ୍):ଖୋରଧା ଜିଲ୍ଲା ଓ.ଜେ.ଏ ସଭାପତି ଶ୍ରୀଯୁକ୍ତ ସନତ ପଟ୍ଟନାୟକ, ସଭାପତି ଓ ସମ୍ପାଦକ ପ୍ରସନ୍ନ ପାଇକରାୟଙ୍କ ଆହ୍ୱାନ କ୍ରମେ, କୌଣସି ସାମ୍ବାଦିକ ଓ.ଜେ.ଏର ଆଜି କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ବିଭିନ୍ନ ପ୍ରକାର ଦାବି ନେଇ ଓଡ଼ିଶା ଜୋନାଜିମ ଆସୋସିଏସନ୍, ଓଡ଼ିଶାର ଓ.ଜେ.ଏର ସଭାପତି ଶ୍ରୀଯୁକ୍ତ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶ ନେଇ ଖୋରଧା ସାମ୍ବାଦିକ ସଂଘ ଓ.ଜେ.ଏ ଅସହଯୋଗ କରିଥିଲେ।

ଜିଲାରେ ଚକଡା ଓ ଗଳା ମହିଷା ରୋଗର ପ୍ରାଦୁର୍ଭାବ

ଭଦ୍ରକ, (ପିଏନ୍):- ଭଦ୍ରକ ଜିଲାରେ ଏବେ ଧାନଗଛରେ ରୋଗପୋକର ଆତଙ୍କ। ଜିଲାର ୭ଟି ବ୍ଲକର ୨୨ ହଜାର ହେକ୍ଟରରୁ ଅଧିକ ଜମିରେ ରୋଗପୋକର ପ୍ରାଦୁର୍ଭାବ ରହିଥିବା କୃଷିବିଜ୍ଞାନୀ ସର୍ବେକ୍ଷଣ କରିଛନ୍ତି। ଏ ସଂପର୍କିତ ଏକ ରିପୋର୍ଟ ରାଜ୍ୟ କୃଷି ବିଭାଗକୁ ପ୍ରଦାନ କରାଯାଇଛି। ଯେଉଁଥିରେ ପ୍ରାଥିମକ ଅନୁଧ୍ୟାନ ପରେ ୭ଟି ବ୍ଲକରେ ୨୧ ହଜାର ୨୮୩ ହେକ୍ଟର ଜମିରେ ପୋକ ଲାଗିଥିବା କୁହାଯାଇଛି। ମିଳିଥିବା ଖବର ଅନୁଯାୟୀ; ପଶ୍ଚିମ ଓଡିଶାରେ ଚକଡା ଆତଙ୍କ ପରେ ସରକାରୀ କଳର ଚେତା ପଶିଛି। ଏହି କ୍ରମରେ ଗତ ଦୁଇଦିନ ହେବ କୃଷି ବିଭାଗ ପକ୍ଷରୁ ଭଦ୍ରକ ଜିଲାରେ ରୋଗପୋକ ଅନୁଧ୍ୟାନ କରାଯାଇଥିଲା। ଜିଲାର ୭ଟି ଯାକ ବ୍ଲକର କୃଷି ଅଧିକାରୀ ପୃଥକ ଭାବେ ଟିମ ଗଠନ କରି ପଞ୍ଚାୟତ ବୁଲୁଥିବା ବେଳେ ଏପଟେ ଜିଲାସ୍ତରରେ ଦୁଇଟି ଟିମ ଗଠନ ହୋଇଛି। ଜିଲା କୃଷି ବିଭାଗ, ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ଦୁଇଟି ଟିମ୍। ବରିଷ୍ଠ କୃଷି ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଏବଂ ସହାୟକ କୃଷି ନିର୍ଦ୍ଦେଶକ ଶ୍ୟାମସୁନ୍ଦର ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଏହି ଟିମ ବିଭିନ୍ନ ଅଞ୍ଚଳରେ ଅନୁଧ୍ୟାନ ଜାରି ରଖିଛନ୍ତି। ତେବେ ଜିଲାରେ ଏବେ ମାଟିଆଗୁଣ୍ଡି (ଚକଡା) ଓ ଗଳା ମହିଷା ରୋଗପୋକର ପ୍ରାଦୁର୍ଭାବ ରହିଥିବା ଅନୁଧ୍ୟାନରୁ ଜଣାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ; ଜିଲାର ୧୦ହଜାର ୧୮୬ ହେକ୍ଟର ଜମିରେ ଏବେ ମାଟିଆଗୁଣ୍ଡି ପୋକ ଲାଗିଥିବା ବେଳେ ୯୧୪୭ ହେକ୍ଟର ଜମିରେ ଗଳାମହିଷା ରୋଗପୋକ ଲାଗିଛି। ତେବେ ସର୍ବାଧିକ ବାସୁଦେବପୁର ବ୍ଲକରେ ରୋଗପୋକର ପ୍ରାଦୁର୍ଭାବ ରହିଥିବା ବେଳେ ଅନ୍ୟ ବ୍ଲକରେ ଆଗକୁ ପରିସ୍ଥିତି ବିଷମ ହେବାର ମଧ୍ୟ ସମ୍ଭାବନା ରହିଛି। ତେବେ ବାସୁଦେବପୁର ବ୍ଲକରେ ସର୍ବାଧିକ ୭୨୦୫ ହେକ୍ଟରରେ ରୋଗପୋକ ଲାଗିଥିବା ବେଳେ ଭଦ୍ରକ ବ୍ଲକରେ ୧୩୧୯ ହେକ୍ଟର, ତିହିଡି ବ୍ଲକରେ ୨୧୯୦ ହେକ୍ଟର, ଚାନ୍ଦବାଲିରେ ୧୬୧୨ ହେକ୍ଟର, ଭଣ୍ଡାରିପୋଖରୀରେ ୨୨୫୦ ହେକ୍ଟର, ଧାମନଗରରେ ୩୬୭୨ ହେକ୍ଟର, ବନ୍ତରେ ୩୦୫୫ ହେକ୍ଟର ଜମିରେ ଲାଗିଛି ରୋଗପୋକ। ରାଗପୋକର ପ୍ରାଦୁର୍ଭାବକୁ ରୋକିବା ଲାଗି କୃଷି ବିଭାଗ ପକ୍ଷରୁ ବିଭିନ୍ନ ପଂଚାୟତରେ ସଚେତନତା କାର୍ଯ୍ୟକ୍ରମ ଗତ ଦୁଇଦିନ ହେବ ହାତକୁ ନିଆଯାଇଥିବା କୁହାଯାଇଛି। ବିଭାଗ ପକ୍ଷରୁ ଏଥିପାଇଁ ପ୍ରଚାର ପତ୍ର ବଣ୍ଟନ କରାଯାଇଛି। ୫୦ ପ୍ରତିଶତ ରିଆତିରେ କୀଟନାଶକ ଯୋଗାଇବାର ବ୍ୟବସ୍ଥା ହୋଇଥିବା କୁହାଯାଇଛି। ତେବେ ଚାଷୀମାନେ ବ୍ୟତିବ୍ୟସ୍ତ ନ ହୋଇ ପରିସ୍ଥିତିର ସହଜ ମୁକାବିଲା କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଉଛି। ଯେଉଁ ଜମିରେ ୮୦ ପ୍ରତିଶତ ଧାନ ପାଚି ଯାଇଥିବ ତାହାକୁ ତୁରନ୍ତ କାଟିଦେବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଚାଷଜମିରୁ ପାଣିକାଟି ଦେବାକୁ ପରାମର୍ଶ ଦିଆଯାଇଛି। ଜମିରେ ପାହି ଭାଙ୍ଗି କୀଟନାଶକ ପ୍ରୟୋଗ କରିବାକୁ କୁହାଯାଇଛି।

ସାଲିଆସାହିରେ ଡେଙ୍ଗୁ ପ୍ରତିକାର ପାଇଁ ଉତ୍କଳ ଭାରତର ଦାବି

ଭୁବନେଶ୍ୱର, (ପିଏନ୍): ଭୁବନେଶ୍ୱରର ସାଲିଆସାହିରେ ଡେଙ୍ଗୁ ରୋଗ ଭୟଙ୍କର ଭାବରେ ବ୍ୟାପିବାରେ ଲାଗିଥିବା ବେଳେ ଏଥି ପ୍ରତି ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଉତ୍କଳ ଭାରତ ଗଭୀର ଉଦବେଗ ପ୍ରକାଶ କରିଛି ।

ଏହି ପରିସ୍ଥିତିରେ ପାର୍ଟିର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନବକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସାଲିଆସାହି ପରିସ୍ଥିତି ଅନୁଧାନ କରିଥିଲେ । ବିଶେଷ ଭାବରେ ପ୍ରଭାବିତ ହୋଇଥିବା ନଗଡ଼ା ସାହି ଓ ଲକ୍ଷ୍ମୀନଗର ସାହିରେ ପରିବେଶ ଅତ୍ୟନ୍ତ ଦୂଷିତ ହୋଇପଡ଼ିଥିବା ବେଳେ ଡେଙ୍ଗୁରେ ଅକ୍ରାନ୍ତ ହୋଇ ୪ ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରତିନିଧି ମଣ୍ଡଳୀ ଜାଣିବାକୁ ପାଇଥିଲେ । ୬ ନମ୍ବର ସରକାରୀ ଚିକିତ୍ସାଳୟରେ ଠିକ୍ ଭାବରେ ଚିକିତ୍ସା କରାଯାଉନଥିବାର ଡେଙ୍ଗୁ ଆକ୍ରାନ୍ତକାରୀମାନେ ଏବେ ଘରୋଇ ହସପିଟାଲରେ ବାଧ ହୋଇ ଚିକିତ୍ସିତ ହେଉଛନ୍ତି । ସେହିପରି ସରକାରୀ ଡ଼ାକ୍ତରଖାନରେ ଚିକିତ୍ସା ଅବହେଳା ଯୋଗୁଁ ସମ୍ ହସପିଟାଲରେ ଚିକିତ୍ସିତ ହେଉଥିବା ଲକ୍ଷ୍ମୀନଗର ସାହିର ମୁନା ସାହୁଙ୍କର ପୁତ୍ରଙ୍କୁ ଉତ୍କଳ ଭାରତ ନେତାମାନେ ଭେଟିଥିଲେ । ପ୍ରଶାସନ ସମ୍ପୃକ୍ତ ଅଂଚଳର ଅବସ୍ଥା ଅନୁଧାନ କରି ଡେଙ୍ଗୁ ପ୍ରତିକାର ପାଇଁ ପଦକ୍ଷେପ ନେବା ପାଇଁ ଉତ୍କଳ ଭାରତ ପକ୍ଷରୁ ଦାବି କରାଯାଇଛି ।

ବଲାଙ୍ଗୀର ଜିଲ୍ଲା ଗୁଡଭେଗାରେ ବିଜେପିର ମିଶ୍ରଣ ପର୍ବ

ବିଜେଡିର ଗୁଡଭେଲା ବ୍ଲକ ଅଧକ୍ଷଙ୍କ ସହିତ ବହୁ ସମିତି ସଭ୍ୟ ଓ ସରପଂଚ ବିଜେପିରେ ଯୋଗଦାନ

ଭୁବନେଶ୍ୱର, (ପିଏନ୍):-ଭାରତୀୟ ଜନତା ପାର୍ଟି ପ୍ରତି ସାଧାରଣ ରାଜ୍ୟବାସୀଙ୍କ ଆସ୍ଥା ବୃଦ୍ଧି ପାଇବାରେ ଲାଗିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ଗରିବ ଓ ଜନକଲ୍ୟାଣ ଯୋଜନାର ସଫଳ ରୁପାୟନ ଏବଂ କାର୍ଯ୍ୟକାରିତାକୁ ରାଜ୍ୟବାସୀ ଭଲ ଭାବେ ହୃଦୟଙ୍ଗମ କରିପାରିଛନ୍ତି । ଅନ୍ୟ ପକ୍ଷରେ ଅପାରଗ, ସ୍ଥାଣୁ ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି କାରଣରୁ ରାଜ୍ୟର ବିକାଶ ବାଧାପ୍ରାପ୍ତ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ ସେବାଠୁ ଆରମ୍ଭ କରି ଚାଷ ଓ ଚାଷୀ ସମସ୍ୟା, ଦାଦନ, ପାନୀୟ ଜଳ, ବିଜୁଳି ଆଦି ମୌଳିକ ସମସ୍ୟାର ସମାଧାନ ପାଇଁ ଶାସକ ବିଜେଡିର ଆଦୌ ସାମର୍ଥ୍ୟ ନାହିଁ । ଏକ ଶ୍ରେଷ୍ଠ ବିକଳ୍ପ ଭାବେ ବିଜେପି ରାଜ୍ୟବାସିଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଛି । ଶାସକ ବିଜେଡିର ମନୋମୁଖୀ କାର୍ଯ୍ୟକଳାପରେ ଜନତାଠୁ ଆରମ୍ଭ କରି ତାଙ୍କ ଦଳର ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ହନ୍ତସନ୍ତ । ବିଶେଷ ଭାବେ ବଲାଙ୍ଗୀର ଜିଲ୍ଲାବାସୀ ଶାସକ ବିଜେଡିକୁ ପ୍ରତ୍ୟାଖାନ କରି ଭାରତୀୟ ଜନତା ପାର୍ଟିକୁ ଆପଣାଇଛନ୍ତି । ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତି ଦଳର ନେତା ଓ କର୍ମୀ ବିଜେପିରେ ସାମିଲ ହେଉଛନ୍ତି ଏବଂ ଏହି ଧାରା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଆଜି ବଲାଙ୍ଗୀର ଜିଲ୍ଲା ଗୁଡଭେଗାଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।

ଏହି ମିଶ୍ରଣ ପର୍ବରେ ଏହି ଅଂଚଳର ବିଜେଡିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବର୍ତମାନ ଗୁଡଭେଲା ବ୍ଲକ ଅଧକ୍ଷ ଶ୍ରୀ ଅଶୋକ ଦୋରା ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଥିଲେ। ତାଙ୍କ ସହିତ ସରପଂଚ ରାଜେଶ୍ୱରୀ ମାଝୀ, ଦେଉଲଗୁଡି ଗ୍ରାମପଂଚାୟତ ସରପଂଚ ସରୋଜ ମଲ୍ଲିକ, ସମରା ସରପଂଚ ରବିନ୍ଦ୍ର ପଧାନ, ବିରାମୁଣ୍ଡା ସରପଂଚ ଜୟଶ୍ରୀ ଭୋଇ, ରୁଷୁଡା ଗ୍ରାମ ପଂଚାୟତ ସରପଂଚ ସୁବିଧା ବେହେରା, ଜାମୁଟ ଗ୍ରାମ ପଂଚାୟତ ସରପଂଚ ହରି ମାଝୀ, ଗମ୍ଭାରୀଗୁଡା ସରପଂଚ ଗିତାଞ୍ଜଳି ଭୋଇ, ବ୍ଲକ ଉପାଧକ୍ଷ ନଳିନୀ ସେଠ, ନୁଆପଡା ଗ୍ରାମ ପଂଚାୟତ ସମିତି ସଭ୍ୟା ତପସ୍ୱିନି ମଲ୍ଲିକ, ଘୁନା ସମିତି ସଭ୍ୟା ସନ୍ତୋଷିନି ଭୋଇ, ଗୁଡଭେଲା ସମିତି ସଭ୍ୟ ଚିତ୍ରସେନ ଭୋଇ, ବଡଙ୍ଗମୁଣ୍ଡା ସମିତି ସଭ୍ୟ ସିତୁ କୁମାର ପ୍ରଧାନ, ରୁଷୁଡା ସମିତିସଭ୍ୟ ତୁକାରାମ ପାଣିଗ୍ରାହୀ, ବିମ୍ବାଧର ଧରୁଆ ଇଶ୍ୱର ବାଗ, ଧୁବେଇ ମନହିରା, ରମା ମହାପାତ୍ର, କୁମୁଦ୍ର ରଣା, ଗୌର ରଣାଙ୍କ ସହିତ ବହୁ ହଜାର ହଜାର ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ଜିଲ୍ଲା ସଭାପତି ଭକ୍ତବନ୍ଧୁ ନାଏକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ଅବନୀ ବରାଳଙ୍କ ଚତୁର୍ଥ ବାର୍ଷିକୀ ସ୍ମୃତି ସମାରୋହ

ଭୁବନେଶ୍ୱର, (ପିଏନ୍):ପ୍ରଖ୍ୟାତ ଶିକ୍ଷକ ନେତା ଅବନୀ ବରାଳଙ୍କ ଚତୁର୍ଥ ବାର୍ଷିକୀ ସ୍ମୃତି ସମାରୋହ ଅବନୀ ବରାଳ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଭଗବତୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଦିବାକର ନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା, ଅଧ୍ୟାପକ ମହେନ୍ଦ୍ର ଜେନା, ସିପିଆଇ ଅଂଚଳ ସମ୍ପାଦକ ସୁର ଜେନା ପ୍ରମୁଖ ଅବନୀ ବରାଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରି ତାଙ୍କ ପ୍ରଦର୍ଶିତ ନୀତି, ଆଦର୍ଶକୁ ଅନୁସରଣ କରି ଆଗଭର ହେବାକୁ ସଙ୍କଳ୍ପ କରିଥିଲେ । ଏହି ସ୍ମୃତିସଭା ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ବରାଳ ବହୁମୁଖୀ ପ୍ରତିଭା ଯଥା- ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ଷଢ଼େଇକଳା, ଖରସୁଆଁ ଓଡ଼ିଶାର ସୀମା ମଧ୍ୟରେ ରଖିବା ଦାବୀରେ ଆନ୍ଦୋଳନ ଉପରେ କଟକରେ କର୍ଫ୍ୟୁ ଜାରି ହୋଇଥିବାବେଳେ ରେଭେନ୍ସା ହଷ୍ଟେଲରୁ ଛାତ୍ରଙ୍କୁ ଆଣି କର୍ଫ୍ୟୁ ଜାରି ଥିବା କଲେଜ ରାସ୍ତାରେ ନିଜେ "ବନ୍ଦେ ଉତ୍କଳ ଜନନୀ" ଗାନ କରି ସମୂହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଇ - ବନ୍ଧୁକଧାରୀ ପୋଲିସ୍‌ଙ୍କୁ ସ୍ତମ୍ଭୀଭୂତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ସଙ୍ଗୀତ ଗାନ କରିବା ସହ କଲେଜ ରୋଡ଼ ପରିକ୍ରମା କରି ହଷ୍ଟେଲ୍ ଭିତରକୁ ପ୍ରବେଶ ପର୍ଯ୍ୟନ୍ତ ଅବନୀ ବରାଳ ବନ୍ଦେ ଉତ୍କଳ ଗାନ କରୁଥାନ୍ତି, ଏହା ହିଁ ଥିଲା ବନ୍ଧୁକକୁ ସାମନା କରିବାର ବଳିଷ୍ଠ ନେତୃତ୍ୱ । ଇପ୍‌ଟା ଆନ୍ଦୋଳନ, ପ୍ରଗତିଶୀଳ ଲେଖକ ରସଂଘ, ଶିକ୍ଷକ ମହାସଂଘ ସର୍ବୋପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିବା ବହୁମୁଖୀ ପ୍ରତିଭା ଅବନୀ ବରାଳଙ୍କ ତା ୭.୧୧.୨୦୧୩ରିଖରେ ଅକାଳ ବିୟୋଗ ଘଟିଲା ।

ଅବକ୍ଷୟମୁଖୀ ସମାଜର ସୁରକ୍ଷା ପାଇଁ ସାହିତ୍ୟ ଓ ସଂସ୍କୃତି ବଂଚିବା ଆବଶ୍ୟକ : ପ୍ରଫୁଲ୍ଲ ଘଡାଇ

କଳିଙ୍ଗନଗର ପୁସ୍ତକମେଳା ଓ ଯୁବ ମହୋତ୍ସବ ଉଦ୍‌ଯାପିତ

ବ୍ୟାସନଗର, ୯/୧୧(ପିଏନ୍) : କାରିଗରି କୌଶଳ ଆଜି ପୁସ୍ତକର ସବୁଠୁ ବଡ଼ ଶତ୍ରୁ ସାଜିଛି। ଦିନକୁ ଦିନ କାଗଜ କାଳିର ପୁସ୍ତକ ଦୂରେଇ ଯାଉଛି। ତା ସ୍ଥାନରେ ଧୀରେଧୀରେ ଇ-ପୁସ୍ତକ ଜାଗା ମାଡ଼ି ବସିବାରେ ଲାଗିଛି। ତଥାପି ପୁସ୍ତକର ମୃତ୍ୟୁ ନାହିଁ। ନୂଆ ପିଢ଼ି ଭିତରେ ପଠନ ଅଭ୍ୟାସ ପ୍ରବେଶ କରାଇବା ପାଇଁ ଆମକୁ ଡିଜିଟାଲ୍ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ପଡ଼ିବ। ବ୍ୟାସନଗର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଚତୁର୍ଥ ରାଜ୍ୟ ସ୍ତରୀୟ କଳିଙ୍ଗ ପୁସ୍ତକ ମେଳା ଓ ଯୁବ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସମ୍ବାଦ'ର ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ ଏ କଥା କହିଛନ୍ତି।

ପୁସ୍ତକ ମେଳା କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ପୁସ୍ତକକୁ କେହି ମାରି ପାରିବେ ନାହିଁ। କାଳୀ କାଗଜର ପୁସ୍ତକ ଲୋକଙ୍କ ଠାରୁ ଦୂରେଇ ଯାଇଥିବା ବେଳେ ବିନା କାଗଜ କାଳିର ପୁସ୍ତକ ଲୋକମାନଙ୍କ ମଧ୍ୟରେ ପ୍ରବେଶ କରିଛି। ଯାହାକୁ ଆମେ କୌଣସି ପ୍ରକାରେ ପରାଜିତ କରି ପାରିବା ନାହିଁ। ତା ସହ ସନ୍ଧି କରିବା ସବୁଠୁ ବୁଦ୍ଧିମାନର କାମ। ସେ କହିଥିଲେ ଯେ ଭାଷାର ମେରୁଦଣ୍ଡ ସାହିତ୍ୟ ଏବଂ ଜାତିର ମେରୁଦଣ୍ଡ ଚାଷୀ। ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ସୁରକ୍ଷା ପାଇଁ ସରକାର ଆନ୍ତରିକତା ପ୍ରଦର୍ଶନ କରିବା ଉଚିତ୍ ବୋଲି ସେ କହିଥିଲେ।

ଉଦ୍‌ଯାପନୀ ଉତ୍ସବକୁ ଉଦ୍‌ଘାଟନ କରି ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଲେ ଯେ, ସମାଜରେ ପୂର୍ଣ୍ଣତା ହାସଲ ପାଇଁ ସାହିତ୍ୟ ଓ ସଂସ୍କୃତିର ଆବଶ୍ୟକତା ଅଛି। ଅବକ୍ଷୟମୁଖୀ ସମାଜୁ କେବଳ ସାହିତ୍ୟ ରକ୍ଷା କରିପାରିବ। ଶ୍ରୀ ଘଡ଼ାଇ କହିଥିଲେ ଯେ 'ସମ୍ବାଦ' କେବଳ ଆଜି ତାଙ୍କର ପରିଚୟ ନୁହେଁ। ଚାଷୀ ହେଉ କି ଭାଷା ଆନ୍ଦୋଳନ ହେଉ କିମ୍ବା ଶିକ୍ଷକ ଛାତ୍ର ଆନ୍ଦୋଳନ ସବୁଠି ସମସ୍ତଙ୍କର ସମସ୍ୟା ସମାଧାନ ପାଇଁ ଉପସ୍ଥିତ ହୋଇ ଶ୍ରୀ ପଟ୍ଟନାୟକ ତାଙ୍କର ନୂତନ ପରିଚୟ ସୃଷ୍ଟି କରିଛନ୍ତି।

ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରିହର କାନୁନ୍‌ଗୋ ଯୋଗଦେଇ କଳିଙ୍ଗ ତଥା ଉତ୍କଳର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟକର ଆୟୁକ୍ତ ଶରତ ଚନ୍ଦ୍ର ଦାଶ ଯୋଗଦେଇ ତାଙ୍କ ରଚିତ କବିତା ପାଠ କରିଥିଲେ। କମିଟିର ସମ୍ପାଦକ ଘନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ସବିତା ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ବିବେକାନନ୍ଦ ମହାନ୍ତି ପୁସ୍ତକ ମେଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ବାସୁଦେବ ମିଶ୍ରଙ୍କ ଲଳିତ ନିବନ୍ଧ ସଂକଳନ 'ବିଚିତ୍ର ଜଗତ' ଲୋକାର୍ପିତ ହୋଇଥିଲା।

ବିମୁଦ୍ରୀକରଣକୁ ୧ବର୍ଷ ପୂର୍ତି : ଜାତୀୟ କଂଗ୍ରେସର କଳା ଦିବସ ପାଳନ

ଭଦ୍ରକ, (ପିଏନ୍): କେନ୍ଦ୍ରରେ ଏନଡ଼ିଏ ସରକାରର ନେତୃତ୍ୱ ନେଇଥିବା ନରେନ୍ଦ୍ର ମୋଦି ନିଜ ରାଜନୈତିକ ସ୍ୱାର୍ଥସାଧନ ନିମନ୍ତେ ଶିଳ୍ପପତି ଓ ଧନୀକ ଶ୍ରେଣୀର ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ଗତ ବର୍ଷ ଏହି ଦିନରେ ବିମୁଦ୍ରୀକରଣ(ନୋଟବନ୍ଦୀ) ପଦକ୍ଷେପ ନେଇଥିଲେ। ଯାହା ଦ୍ୱାରା ଦେଶର ଅର୍ଥନିତୀ ରାସାତଳଗାମୀ ହୋଇଛି। ଏହାର କୁପ୍ରଭାବରେ ସାଧାରଣ ଜନତା ଅତିଷ୍ଟ ହୋଇଛନ୍ତି। ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଛି। ନିଯୁକ୍ତି ସଂକୁଚିତ ହୋଇଛି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଛି। ଦୈନିକ ମଜୁରୀ ଉପରେ ନିର୍ଭର କରୁଥିବା ଗରୀବ ଜନତା ରୋଜଗାର ହରାଇଛନ୍ତି। ଏହି ଅପରିଣାମଦର୍ଶୀ ନିଷ୍ପତ୍ତି ବିରୁଦ୍ଧରେ ଜାତୀୟ କଂଗ୍ରେସ ହାଇ କମାଣ୍ଡଙ୍କ ଆହ୍ୱାନରେ ନଭେମ୍ବର ୮ତାରିଖ ଦିନକୁ କଳାଦିବସ ଭାବରେ ପାଳନ କରିଛି କଂଗ୍ରେସ। ଏହି ମର୍ମରେ ଭଦ୍ରକରେ କଂଗ୍ରେସ ଭଦ୍ରକ ଜିଲ୍ଲା ସଭାପତି ନରେନ ପଲେଇଙ୍କ ସଭାପତିତ୍ୱରେ ପୁରୁଣା କଲେକ୍ଟରିଏଟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପ୍ରାକ୍ତନ ମନ୍ତ୍ରୀ ଜଗନ୍ନାଥ ରାଉତ୍, ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଯେନା, ରାଜ୍ୟ ପର୍ଯ୍ୟବେକ୍ଷକ ଶ୍ରୀନାଥ ମିଶ୍ର, ନିର୍ବାଚନମଣ୍ଡଳୀସ୍ତରୀୟ ନେତା ସୁବ୍ରତ ଦାସ, ମାଧବବାନନ୍ଦ ମଲ୍ଲିକ, ହୃଦାନନ୍ଦ ସେଠୀ, ପ୍ରାକ୍ତନ ସାଂସଦ ମୁରଲୀ ଯେନା, ବାସୁଦେବପୁର ପୌରାଧକ୍ଷ ଅଶୋକ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ନାରାୟଣ ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଶ ରାଉତ, ଦେବରୂପ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ନଗର ସଭାପତି ଅବଦୁଲ ମୁକିଦ ଖାଁ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ସରୋଜ ଦାସ, ବାବୁଲି ଚନ୍ଦ, ପ୍ରଫୁଲ୍ଲ ସାମଲ, ନାରୀନେତ୍ରୀ ସବିତା ଚାନ୍ଦ, ରାଜଲକ୍ଷ୍ମୀ ମହାପାତ୍ର, ମମତା ନାୟକ, ହାସିନା ଖାତୁନ, ଜାନକୀ ଦାସ, କାଉସିଲର ଅଶୋକ ମହାପାତ୍ର, ସେକ ସମଦାନୀ, ବରିଷ୍ଠ ନେତା ନରନାରାୟଣ ଯେନା, ନୁର ମହମ୍ମଦ ଇସମାଇଲ, ରବି ଘୋଷ, ଯୁବନେତା ନଳିନି ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ, ସୁରଜିତ ପାଲ, ଧବଳେଶ୍ୱର ପଣ୍ଡା, କାମେଶ ପରିଡ଼ା, ଆପ୍ପା ରାଓ, ପ୍ରଦ୍ୟୁମ୍ନ ଦାସ, ବାବୁ ବାରିକ, ଅନନ୍ତ ଗୋପାଳ ଦାସ, ଛାତ୍ର କଂଗ୍ରେସର ସଭାପତି ଅଭିଜିତ ଯେନା, ସିତେଶ ନାୟକ, କୁଟିଆ ନାୟକ, ବଳାରାମ ରାଉତ, ମନୋଜ ପଣ୍ଡା, ବବି ମହାନ୍ତି, ଅନନ୍ତ ପଣ୍ଡା, ବିଦ୍ୟାଧର ଜେନା, ହେମନ୍ତ ପୁହାଣ, ନିରଂଜନ ମଲ୍ଲିକ, ଗଣେଶ ଭାରତୀ, ହେମନ୍ତ ମହାପାତ୍ର, ଜିତୁ ଦାସ, ଦେବୁ ପ୍ରଧାନ, ମୁନା ପରିଡ଼ା, ଭିକି ଦାସ, ସୁଦର୍ଶନ ଜେନା, ବାବୁଲି ଘୋଷ, ଫୁକୁ ଚୌଧୁରୀ, ପାପୁନି ମଲ୍ଲିକ, ଟୁଟୁ ମହାପାତ୍ର, ଟୁକୁ ସାହୁ, ମିଡ଼ିଆ ସେଲ ଅଧକ୍ଷ ଅତିଶ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ମୋଦି ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିଥିବାରୁ ଭାରତବାସୀ ତାଙ୍କୁ ଅଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି କହିଥିଲେ। ସଭା ଶେଷରେ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକାକୁ ଦାହ କରିଥିଲେ କଂଗ୍ରେସ କର୍ମୀ।

କିନ୍ନର ସଂଘ ପକ୍ଷରୁ ବୋହୁଚୋରି ମାତାପୂଜା ଓ କଳସ ଯାତ୍ରା

ଜଟଣୀ, (ପିଏନ୍): ଶାନ୍ତି ସୁରକ୍ଷା କିନ୍ନର ସଂଘ, ଜଟଣୀ ପକ୍ଷରୁ କିନ୍ନରମାନଙ୍କ ବାର୍ଷିକପୂଜା ବୋହୁଚୋରି ମାତା/ମୁର୍ଗୀମାତା ପୂଜା ଆଜି ପାଳିତ ହୋଇଯାଇଛି। ସ୍ଥାନୀୟ ବାଛରାପାଟଣାରେ ଥିବା ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ହାଟବଜାର ଠାକୁରାଣୀ ଦେଇ ସୀତାରାମ ଛକ ଓ ପରେ ଟାଉନ୍‌ହଲ୍ ଠାରେ ପହଂଚିଥିଲା। କିନ୍ନରମାନଙ୍କ ଦ୍ୱାରା କଳସ ଯାତ୍ରା ମଧ୍ୟ ସମ୍ପନ୍ନ ହୋଇଥିବାବେଳେ ନନ୍ଦିନୀ କିନ୍ନର ଆଜି ଏହି ଶାନ୍ତି ସୁରକ୍ଷା କିନ୍ନର ସଂଘରେ ସଦସ୍ୟ ଭାବେ ଯୋଗ ଦେଇଛନ୍ତି। କିନ୍ନର ତଥା ତୃତୀୟ ଲିଙ୍ଗ ବିଧିଅନୁଯାୟୀ, ଯେଉଁ କିନ୍ନର ସଂଘ ମଧ୍ୟକୁ ଆସି ଯୋଗଦେବା ପାଇଁ ଅନୁରୋଧ କରିବ, ସେ ଏକବର୍ଷ ପୂର୍ବରୁ ସଂକଳ୍ପ କରିବା ପରେ ୪୦ ଦିନ ଏକ ନିକାଂଚନ ଘରେ ରହିବ। ଏହି ୪୦ ଦିନ ବ୍ରତକରିବା ସହ ଉପାସନା ମଧ୍ୟ ଜାରି ରଖିବ। ପରବର୍ତି ୪୧ ଦିନ ତିଥିରେ ସଂଘର ମୁଖ୍ୟଙ୍କୁ ଅନୁରୋଧ ପରେ ବିଭିନ୍ନ ମନ୍ଦିରରେ ପୂଜାପାଠ ହେବ। ଯେଉଁ କିନ୍ନର ଏହି ବିଧିରେ କାର୍ଯ୍ୟ ସମ୍ପନ୍ନ କରିବ ତାକୁ ନେଇ ବୋହୁଚୋରି ମାତା ନାମକ ବାବ ମୁର୍ଗୀମାତା ପୂଜାରମ୍ଭ କରାଯିବ। ରୋଷଣୀ ହୋଇ ବୋହୁ ବେଶର କଳସ ମୁଣ୍ଡାଇ ପୂଜାର୍ଚ୍ଚନା ସ୍ଥାନକୁ ଆସି ବେଦିରେ ବସି ମନ୍ତ୍ରପାଠ କରାଯାଇ କିନ୍ନର ସଂଘରେ ସାମିଲ କରାଯିବା ପରେ ଭୋଜିଭାତର ଆୟୋଜନରେ ସାମିଲ ହୋଇ ଏକତ୍ର ନାଚଗୀତରେ ମସ୍‌ଗୁଲ ହେବା ପ୍ରଥା ରହିଛି ବୋଲି ଶାନ୍ତି ସୁରକ୍ଷା କିନ୍ନର ସଂଘର ସଭାପତି ନମିତା ପରିଡ଼ା ସୂଚନା ଦେଇଛନ୍ତି। ଆଜିର ଏହି ବୋହୁଚୋରୀ ମାତା ପୂଜାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କିନ୍ନରମାନେ ଯୋଗ ଦେଇଥିଲେ। ଟାଉନ୍ ହଲ୍ ଠାରେ ଭୋଜିଭାତର ଆସର ମେଳିଥିବାବେଳେ ନାଚଗୀତରେ ଅପରାହ୍ନ ପର୍ଯ୍ୟନ୍ତ ସାମିଲ୍ ହୋଇଥିଲେ।

ଭଦ୍ରକରେ ସ୍ୱଳ୍ପସଂଚୟ ପକ୍ଷ ପାଳିତ

ଭଦ୍ରକ, (ପିଏନ୍): ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱଳ୍ପସଂଚୟ ପକ୍ଷପାଳିତ ହୋଇଯାଇଛି। ଜିଲ୍ଲା ସ୍ୱଳ୍ପସଂଚୟ ଅଧିକାରୀ ପଦ୍ମନକୁମାର ରାୟଙ୍କ ଅଧକ୍ଷତ୍ୱାରେ ଅନୁଷ୍ଠିତ ଉତ୍ସବରେ, ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ ଚିଟଫଣ୍ଡ ସଂସ୍ଥାପ୍ରତି ଲୋକମାନଙ୍କର ଆସ୍ଥା ତୁଟିଯାଇଛି। ସ୍ୱଳ୍ପସଂଚୟ ଜମାପ୍ରତି ଲୋକମାନେ ଆକୃଷ୍ଟ ହେବା ସହ ଭଦ୍ରକ ଜିଲ୍ଲାରେ ଜମାର ପରିମାଣ ବୃଦ୍ଧିପାଇବାରେ ଲାଗିଛି। ସମ୍ମାନୀତ ଅତିଥିଭାବେ ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି ଓ ଜିଲ୍ଲା ସୂଚନାପ୍ରଯୁକ୍ତି ବୈଷୟିକ ଅଧିକାରୀ ବିଜୟକୁମାର ମିଶ୍ର ଯୋଗଦେଇ ସ୍ୱଳ୍ପସଂଚୟ ପକ୍ଷପଳନ ସଂର୍ପକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ କୁମାର ରାୟ ବକ୍ତ୍ୟବରେ କହିଥିଲେ ଭଦ୍ରକ ଜିଲ୍ଲାର ଦିନକୁ ଦିନ ସ୍ୱଳ୍ପସଂଚୟ ପ୍ରତି ଲେକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଯାହାକି ୨୦୧୫-୧୬ ମସିହାରେ ଭଦ୍ରକ ଜିଲ୍ଲାରେ୫୭କୋଟି ଟାର୍ଗେଟଥିବାବେଳେ ୧୧୯ କୋଟି ସଂଚୟବୃଦ୍ଧି ପାଇଛି। ସେହିପରି ୨୦୧୬-୧୭ ମସିହାରେ ଜିଲ୍ଲାକୁ ୧୧୯କୋଟି ଟାର୍ଗେଟବେଳେ ୧୩୧.୯୨କୋଟି ସଂଚୟବୃଦ୍ଧି ପାଇଛି। ୨୦୧୭-୧୮ ମସିହାରେ ଭଦ୍ରକ ଜିଲ୍ଲାକୁ ୧୨୪କୋଟି ଟାର୍ଗେଟ ବେଳେ ବର୍ତ୍ତମାନ ସୁଦ୍ଧା ୬୨କୋଟି ୭୦ଲକ୍ଷ ଟଙ୍କା ସ୍ୱଳ୍ପସଂଚୟ ଆଦାୟ ହୋଇଛି ବୋଲି ବକ୍ତ୍ୟବରେ କହିଥିଲେ। ଏହି ଅବସରରେ ସ୍ୱଳ୍ପସଂଚୟ ପକ୍ଷ ପକ୍ଷରୁ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ,ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ କୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଖୋରଧା ବାବା ବଖାରୀ (ସତ୍ୟପୀର)ପୀଠ ପର୍ଯ୍ୟଟନ କେନ୍ଦ୍ର ଅବହେଳିତ

ଖୋର୍ଦ୍ଧା(ପିଏନ୍) : ଓଡ଼ିଶାର, ତଥା ଖୋରଧା ଜିଲ୍ଲାର ହିନ୍ଦୁ ମୁସଲମାନଙ୍କ ଦୁଇ ସମ୍ପ୍ରଦାୟ ଆରାଧ, ଦେବତା କାଇପଦର ସତ୍ୟପୀର ବାବା ବଖାରୀଙ୍କ ଖ୍ୟାତି ପ୍ରସିଦ୍ଧ ଲାଭ କରିଛି। ଏଠାରେ ମୁସଲମାନ ଫକୀର ପୂଜା କରନ୍ତି। ମାତ୍ର ହିନ୍ଦୁ ଗୁଡ଼ିଆ ସମ୍ପ୍ରଦାୟର ଲୋକମାନେ ଭୋଗ ଗୁଡ଼ କୋରା ବିକିଥାନ୍ତି ଓ ହିନ୍ଦୁ ମାଳୀ ଫୁଲ ବେଲ ପତ୍ର ଆଦି ମାଳ ତିଆରି କରି ବିକିଥାନ୍ତି। ଏଠାକୁ ସବୁଦିନ କି ହିନ୍ଦୁ କି ମୁସଲମାନ ଓଡ଼ିଶାର ବିଭିନ୍ନ କୋଣରୁ ଆସିଥାନ୍ତି। ଏଥି ପାଇଁ ସ୍ୱତନ୍ତ୍ର ବସ ରାଜଧାନୀ, ଭଦ୍ରକ, ଯାଜପୁର ଇତ୍ୟାଦି ଓଡ଼ିଶାର ବିଭିନ୍ନ କୋଣରୁ ଆସେ। ବିଶେଷତଃ ଗୁରୁବାର ଓ ଶୁକ୍ରବାର ଏଠାରେ ହଜାର ହଜାର ଭକ୍ତ ଏକତ୍ରିତ ହୋଇଥାନ୍ତି। ଏପରିକି ମୁସଲମାନ ଭକ୍ତ ଯଥା ମକା ମଦିନାର ଓ ମୁସମାଲ ରାଷ୍ଟ୍ରରୁ ଏଠାକୁ ବହୁ ଆଗ୍ରହର ସହ ଭକ୍ତ ମାନସିକ ନେଇ ଆସିଥାନ୍ତି। ଏଠାରେ ଏକକାଳୀନ ୨୦୦୦ ହଜାର ଅଧିକ ଭକ୍ତ ରହିବା ପାଇଁ ଧର୍ମଶାଳା ଅଛି। ଉକ୍ତ ମନ୍ଦିର, ପାର୍ଥନା ଗୃହ ତାଜମହଲର ଏକ ରୂପାନ୍ତର। ଏହାଙ୍କ ଆଶୀର୍ବାଦ ଯେ ପାଏ ସେ ସବୁଥିରେ କୃତକାର୍ଯ୍ୟ ହୁଏ। ଏତେ ଜନସମାଗମ ହୁଏ ନ ଦେଖିଲେ କେହି ନଜକୁ ବିଶ୍ୱାସ କରିବ ନାହିଁ। ଜାତୀୟ ରାଜପଥ ବହ୍ମପୁରକୁ ଯିବା ରାସ୍ତାର ୧୬ ନମ୍ବର କୁରାଡମଲ୍ଲ ଛକରୁ ୨ କି.ମି. ଗଲେ ପଡ଼େ ସତ୍ୟପୀର ପୀଠ, ମାତ୍ର ଏଠାକୁ ଯେଉଁ ତୀର୍ଥ ଯାତ୍ରୀ ଆସନ୍ତି ଖୋରଧା ପ୍ରଶାସନଧିକାରବଚନ କହିଥାନ୍ତି। କାରଣ ରାସ୍ତାକୁ ପୁରାଲାଗି ଦୁଇପଟେ କ୍ରସର, ପଥର ଭଙ୍ଗା ଚାଙ୍ଗଡ଼ା କ୍ରସର ଧୂଳିରେ କୁହୁଡି ଭଳି ଧୂଆଁ ବାହାରେ ରାସ୍ତା କ୍ରସର ଧୂଳିରେ ପୋତି ହୋଇଯାଏ। ବାହାର ତୀର୍ଥ ଯାତ୍ରୀ ଓଡ଼ିଶା ବିଜେଡ଼ି ସରକାରଙ୍କ "ସ୍ୱଚ୍ଛ ଓଡ଼ିଶା" ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ।

ଏଠାରେ ଆଉ ଏକ ବଡ଼ ସମସ୍ୟା ସ୍ୱାସ୍ଥ୍ୟ ସମସ୍ୟା ଡ଼ାକ୍ତରଖାନଟିଏ ନାହିଁ। ଗ୍ରାମବାସୀ ଦାନରେ ଏକ ଏକର ମଧ୍ୟରେ ୫ ବଖରା ଘର ଓ ବାଉଣ୍ଡରି ହୋଇଛି। ସମସ୍ତ ପ୍ରକାର ଫିଜିବିଲିଟି ରିପୋର୍ଟ ଓ ଖୋରଧା ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଚିଠି ସ୍ୱାସ୍ଥ୍ୟ ସଚିବ ଦିଆଯାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମସ୍ତ କାଗଜ ପତ୍ର ସ୍ୱାସ୍ଥ୍ୟ ସଚିବଙ୍କ ସ୍ୱୀକୃତି ପାଇଁ ପଠାଇଛନ୍ତି ଖୋରଧା ଜିଲ୍ଲାରେ ୪ଟି ପି.ଏଚ.ସି. (ନୂତନ) ୨ଟି ସହରାଞ୍ଚଳ ଓ ୨ଟି ଗ୍ରାମାଞ୍ଚଳ ପାଇଁ ସବ୍ କମିଟି ସୁପାରିଶ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗୋଚରରେ ଅଛି। ମାତ୍ର କାଇପଦର ସ୍ୱାସ୍ଥ୍ୟ କେନ୍ଦ୍ର ଖୋରଧା ଜିଲ୍ଲା ରୁରାଲର ୪ଟି ମଧ୍ୟରେ ୩ ନମ୍ବର ଅଛି। ଆଜକୁ ପ୍ରାୟେ ଦେଢ ବର୍ଷ ବିତିଲାଣି ତାହା ସ୍ୱାସ୍ଥ୍ୟ କେନ୍ଦ୍ର ପି.ଏଚ.ସି. (ନୂତନ) ମାନ୍ୟତା ପାଇ ନାହିଁ। ଖୋରଧା ବିଧାୟକ ବହୁବାର ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ସ୍ୱୀକୃତି ଅପେକ୍ଷା ରହିଛି। ସ୍ୱାସ୍ଥ୍ୟ ବିଭାଗରୁ ଜଣା ଯାଉଛି ମାସକ ଭିତରେ ହୋଇଯିବାର ବହୁ ସମ୍ଭାବନା ଅଛି। ସତ୍ୟପୀରଙ୍କ କୃପା ଏହା ସଙ୍ଗରେ ଅଛି।

ଖୋରଧା ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ

ଖୋର୍ଦ୍ଧା(ପିଏନ୍) : ଖୋରଧା ତା.୦୯.୧୦.୨୦୧୭ ଖୋରଧା ଜିଲ୍ଲା ଖୋରଧା ବ୍ଲକ୍ କୁରାଡମଲ୍ଲ ପଞ୍ଚାୟତର ପଶ୍ଚିମ କୁରାଡମଲ୍ଲ ଗ୍ରାମ, ତଥା ପୂର୍ବତ ବିଧାୟକ ସ୍ୱର୍ଗତ ସୁଦର୍ଶନ ମହାନ୍ତି, ଜନତାଦଳ ତାଙ୍କ ଗ୍ରାମ ଏବେ କ୍ରସର ଧୂଳିରେ ପୋତ଼ି ହୋଇଗଲାଣି। ଏପରି କିଛି ଘର ଭିତରେ ଚାଖେଣ୍ଟେ ବହଳରେ ଧୂଳି ଆସ୍ତାରଣ ବସି ଯାଉଛି। ସବୁଦିନ ଘର ନ ଧୋଇଲେ ଶୋଇ ବସି ହେବ ନାହିଁ। ବହୁ ଛାତ ଫାଟି ଗଲାଣି ରାତ୍ରିରେ କ୍ରସର ଶବ୍ଦରେ ଲୋକେ ଶାନ୍ତି ଶୋଇ ପାରୁ ନାହାଁନ୍ତି। ବାଡ଼ି ବଗିଚ଼ାରେ କୌଣସି ଫସଲ ହେଉ ନାହିଁ। ଫଳନ୍ତି ଗଛରେ କ୍ରସର ଗୁଣ୍ଡ ବସି ପତ୍ର ଛଡ଼ି ଯାଉଛି। ଏ ବାବଦରେ ଗ୍ରାମ ରବି ମହାନ୍ତି ଓଗେର ଗ୍ରାମବାସୀ ଆପତ୍ତି ବାହାର ଧନୀ ମାନୀ, ବଡ଼ ହାକିମ ଲାଞ୍ଚୁଆଙ୍କ ବାଲୁଙ୍ଗା ସନ୍ତାନ ଆସି ଗାଁକୁ ଲାଗି ମାତ୍ର ୫୦ ଫୁଟରୁ ୧୦୦ ଫୁଟ ଦୂରରେ ବଡ଼ ଅଟୋମେଟିକ୍ କ୍ରସର ବହୁ ପରିମାଣରେ ହୋଇଛି। ସେହିପରି ଦଧିମାଛ ଗାଡ଼ିଆ ଉପରେ ଆଦିବାସୀ ସାହି ଭିତରେ କିଏ ଜଣେ ପଟ୍ଟନାୟକ ଜବରଦସ୍ତ କ୍ରସର କରିଛନ୍ତି। ଉକ୍ତ ଆଦିବାସୀଙ୍କୁ ଧମକ ଦେଇ ରଖିଛନ୍ତି। ଖୋରଧା ଅତିରିକ୍ତ ଜିଲ୍ଲାପାଳଙ୍କୁ ଆମ ପ୍ରତିନିଧି ମୌଖିକ ଭାବରେ କହିଛନ୍ତି ମାତ୍ର ଉପଜିଲ୍ଲାପାଳ ଖୋରଧା ଏହାର ମାଲିକ। ସେ ମହାଶୟଙ୍କୁ ଅନୁରୋଧ ସେ ତହସିଲ ଷ୍ଟାଫ୍ ନେଇ ଉକ୍ତ ଦୁଇ ଗ୍ରାମର ଅବସ୍ଥା ଦେଖନ୍ତୁ। କେତେ ଦୂରରେ କିପରି ଅଛି। କି ଅବସ୍ଥାରେ ଗ୍ରାମବାସୀମାନେ ଅଛନ୍ତି। ଖୋରଧା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ପଲ୍ୟୁସନ୍ ବୋର୍ଡ଼ ସବୁ ଜାଣି ଅଜଣା। ବିନା ନିଲାମ ଖଣି ଚୋରାରେ ଚାଲିଛି। ସେମାନେ କହୁଛନ୍ତି ମନ୍ଦିର ପ୍ରଶାସନ, ରାଜସ୍ୱ ବିଭାଗ ଓ ପଲ୍ୟୁସନ୍ ବୋର୍ଡ଼, ମାସିକିଆ ବଟି ନେଇ ଚୁପ୍। ସେମାନେ କଣ ଉକ୍ତ ଏରିଆକୁ ଆସୁ ନାହାଁନ୍ତି। ସବୁ ଜାଣି ଅଜଣା। ଖୋରଧା ଜିଲ୍ଲାପାଳଙ୍କୁ ଅନୁରୋଧ ଖୁବ୍ ଶୀଘ୍ର ଏହି ଅଞ୍ଚଳ ପରିଦର୍ଶନ କରନ୍ତୁ ଏବଂ ଏହାର ସତ୍ୟାସତ୍ୟ ନିରୂପଣ କରନ୍ତୁ ଏବଂ ଜିଲ୍ଲାପାଳ ନିଜେ ଯାଇ ଖଣି, କ୍ରସର କୁରାଡମଲ୍ଲ ପଞ୍ଚାୟତ ଓ କାଇପଦର ପଞ୍ଚାୟତର ଅବସ୍ଥା ପରିଦର୍ଶନ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହା ଜନସାଧାରଙ୍କର ଅନୁରୋଧ।